# ଥଇଥାନ ବାଟ ପାଉନି ପ୍ରଶାସନ

ଔପଦା,୧୪।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବଜାରରେ ସିଲ୍ ହୋଇ ରହିଥିବା ୨୩ଟି ଦୋକାନ ଗୃହ ଖୋଲିବାକୁ ପ୍ରଶାସନ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଉ ନାହିଁ। ଦୀର୍ଘ ୪ ବର୍ଷ ଧରି ଏହି ସମସ୍ୟା ସମାଧାନର ବାଟ ଫିଟୁ ନାହିଁ। ଫଳରେ ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ କରାଯାଇ ପାରୁ ନାହିଁ। ବ୍ଲକରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ଥିବା ଏବଂ ବ୍ଲକର ଷ୍ଟାଫ କଲୋନୀ ଜମିଜମା ବିବାଦ ଭଳି ବିଭିନ୍ନ ପ୍ରସଙ୍ଗ ମିଳିତ ଜନଶୁଣାଣିରେ ସ୍ଥାନ ପାଇଥିଲା। ରବିବାର ପୂର୍ବାହ୍ନରେ ବ୍ଲକ ସମ୍ମିଳନୀ ଗୃହରେ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଓ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ମୋଟ ୧୮୦ ଅଭିଯୋଗ ଆସିଥିଲା। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ, ଜଙ୍ଗଲ, କୃଷି, ଶିଶୁ ସୁରକ୍ଷା, ବିଦ୍ୟୁତ, ମତ୍ସ୍ୟ, ଉଦ୍ୟାନ କୃଷି ,ଉନ୍ନୟନ, ଅବକାରୀ ବିଭାଗର ସମସ୍ୟାମାନ ସ୍ଥାନ ପାଇଥିଲା।

ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ବି. ଯୁଗଳ କିଶୋର କୁମାର, ବାଲେଶ୍ୱର ସିଡିଏମ୍‌ଓ ବାନାର୍ଜି ପ୍ରସାଦ ଛୋଟରାଏ, ନୀଳଗିରି ଉପଜିଲାପାଳ ହରୀଶ ଚନ୍ଦ୍ର ଜେନା, ବ୍ଲକ ଅଧ୍ୟକ୍ଷା ନିର୍ମଳା ବିଶ୍ୱାଳ, ବିଡିଓ ପୀତାମ୍ବର ଭୋଇଙ୍କ



ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ବ୍ଲକର ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ବନ୍ଦ ରହିବା ଓ ଷ୍ଟାଫ କଲୋନୀ ଜମିଜମା ବିବାଦ ପ୍ରସଙ୍ଗ ଉଠାଯିବାରୁ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ଔପଦା ବଜାରରେ ବିସ୍ଥାପିତ ବ୍ୟବସାୟୀଙ୍କୁ କାହିଁକି ଥଇଥାନ କରାଯାଉନାହିଁ ବୋଲି ସଦର ତଳକିଆ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ସ୍ଥାନୀୟ ବ୍ୟବସାୟୀ ପ୍ରଶ୍ନ ଉଠାଇଥିଲେ। ଔପଦା ବ୍ଲକ ଓ ନୀଳଗିରି ଏନଏସି ଅଞ୍ଚଳରେ ବର୍ଷାଭାବରୁ ଏଥର ଚାଷ ହୋଇ ନ ପାରି ଅନେକ ଜମି ପଡିଆ ପଡିଛି। ପ୍ରଶାସନ ପକ୍ଷରୁ ଏ ନେଇ ଠିକ୍‌ଭାବେ ସର୍ଭେ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ତୁରନ୍ତ ଏହାର ସାନି ସର୍ଭେ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା, ସିପିଆଇ ବରିଷ୍ଠ ନେତା କୈଳାସ ପଣ୍ଡା, ନିରଞ୍ଜନ ବାରିକ ଓ ଯୋଗାନନ୍ଦ ଦାଶ ପ୍ରମୁଖ ଦାବି କରିଥିଲେ।

- ଔପଦାରେ ଜିଲାପାଳ,ଏସ୍‌ପିଙ୍କ ମିଳିତ ଜନଶୁଣାଣି
- ୧୮୦ ଅଭିଯୋଗ ଉପସ୍ଥାପନ
- ଉଦ୍ୟାନ କୃଷି କାର୍ଯ୍ୟାଳୟ ବନ୍ଦ ନେଇ ଉଦ୍‌ବେଗ
- ମରୁଡ଼ି ସ୍ଥିତିର ସାନି ସର୍ଭେ ଦାବି

### ମାନବିକତା ଦେଖାଇଲେ ପୋଲିସ ଅଧିକାରୀ

ବାଲେଶ୍ୱର ଜିଲା ଏସ୍‌ପି ବି. ଯୁଗଳ କିଶୋର କୁମାର ଔପଦା ଜନଶୁଣାଣି ଶିବିରରେ ପ୍ରାୟ ଘଣ୍ଟାଏ ବିଳମ୍ବରେ ଆସି ପହଞ୍ଚିଥିଲେ। ସେ ଶିବିରକୁ ଆସୁଥିବା ବେଳେ ୧୬ ନଂ. ଜାତୀୟ ରାଜପଥ ଦାଣ୍ଡହରିପୁର ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଅସହାୟ ଅବସ୍ଥାରେ ପଡିରହିଥିବା ବାପ ଓ ଝିଅଙ୍କୁ ଦେଖି ଅଟକିଥିଲେ। ମାନବିକତା ଦୃଷ୍ଟିକୋଣରୁ ଏସ୍‌ପି ନିଜ ଗାଡିରେ ସେମାନଙ୍କୁ ନେଇ ସୋର ଡାକ୍ତରଖାନାରେ ପହଞ୍ଚାଇଥିଲେ। ଏହି କାରଣରୁ ଜନଶୁଣାଣି କାର୍ଯ୍ୟକ୍ରମରେ ପହଞ୍ଚିବାରେ ତାଙ୍କର ବିଳମ୍ବ ଘଟିଥିଲା।

## ସଂକ୍ଷେପରେ

### ବନବିଭାଗ, ଭିଜିଲାନ୍ସ ମିଳିତ ଚଢ଼ାଉ
### ୨୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଜବତ



**ସଜନାଗଡ଼,୧୪।୧୦(ଡି.ଏନ.ଏ.):** ନୀଳଗିରି ବନବିଭାଗ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ମିଳିତ ଭାବେ ସୋମବାର ଅପରାହ୍ନରେ ଚଢ଼ାଉ କରି ୨୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କାଠଗଣ୍ଡି ଜବତ କରିଛନ୍ତି। ଶେରଗଡ଼ ଛକଠାରେ ନକଲି ନମ୍ବରର ଏକ ପିକଅପରୁ ନିମ୍ବ, ଗମ୍ଭାରୀ, ଆକାଶି କାଠ ଜବତ କରାଯାଇଛି। ଗାଡ଼ିଟି ନୀଳଗିରି ପଟୁ ଶେରଗଡ଼ ଆଡ଼କୁ ଯାଉଥିବା ବେଳେ ଧରାପଡିଛି। ଭିଜିଲାନ୍ସ ଟିମ୍‌ର ରେଞ୍ଜର ଶ୍ୟାମ ସିଂଙ୍କ ନେତୃତ୍ୱରେ ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକ, ଫରେଷ୍ଟର ଦେବରାଜ ରାଉତ, ଫରେଷ୍ଟଗାର୍ଡ଼ ହିମାଂଶୁ ପାଢ଼ୀ ଓ ଭଜମନ ସିଂ ପ୍ରମୁଖ ଚଢ଼ାଉ କରିଥିଲେ। ଜବତ ପିକଅପ୍‌କୁ ବନବିଭାଗ କାର୍ଯ୍ୟାଳୟରେ ରଖାଯାଇଛି।

### ଶିଶୁପୁତ୍ର ଉଦ୍ଧାର କଲା ଚାଇଲ୍ଡ ଲାଇନ

**ଖଇରା,୧୪।୧୦(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ଗନ୍ଧାଳୀ ଗ୍ରାମରୁ ଏକ ୪ବର୍ଷର ଶିଶୁପୁତ୍ରକୁ ଖଇରା ଚାଇଲ୍ଡଲାଇନ ଉଦ୍ଧାର କରିଛି। ଉକ୍ତ ଗ୍ରାମର ପଦ୍ମିନୀ ମୁଖୀ ଓ ପିତାମ୍ବର ମୁଖୀ ଏକ ଶିଶୁପୁତ୍ରକୁ କିଛି ବର୍ଷ ତଳେ ଘରେ ଆଣି ରଖିଥିଲେ। ଏହା ତାଙ୍କ ଭଉଣୀର ପୁଅ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ହେଲେ ଶିଶୁକୁ ନିର୍ଯାତନା ଦିଆଯାଉଥିବା ଗ୍ରାମବାସୀ ଜାଣିବା ପରେ ଖଇରା ଚାଇଲ୍ଡଲାଇନକୁ ଖବର ଦେଇଥିଲେ। ଖଇରା ଚାଇଲ୍ଡ ଲାଇନର ସଦସ୍ୟା ତପସ୍ୱିନୀ ରାଉତ, ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ପ୍ରକାଶ କର, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଗ୍ରାମକୁ ଯାଇ ଉକ୍ତ ପିଲାକୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟିକୁ ପଠାଇଛନ୍ତି। ଶିଶୁଟି ଅପପୁଷ୍ଟିର ଶିକାର ହୋଇଥିବା ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ପରିଲକ୍ଷିତ ହୋଇଛି।

### ସରିଲା ନିଖିରା ସାର୍ବଜନୀନ ଦୁର୍ଗାପୂଜା ଓ ମେଳା

**ବାଲିଆପାଳ, ୧୪।୧୦(ଡି.ଏନ.ଏ.):** ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ନିଖିରା ସାର୍ବଜନୀନ ଦୁର୍ଗାପୂଜା ଓ ପାର୍ବଣ ମେଳା ଶୁକ୍ରବାର ଶେଷ ହୋଇଯାଇଛି। ୭ ଦିନ ବ୍ୟାପି ଅନୁଷ୍ଠିତ ଏହି ଉତ୍ସବରେ ଯାତ୍ରା ଅଭିନୟ ମୁଖ୍ୟ ଆର୍କଷଣ ହୋଇଥିବା ବେଳେ ମେଲୋଡି, ଭଜନ ସନ୍ଧ୍ୟା, ନାମସଂକୀର୍ତ୍ତନ ସମୂହ ପ୍ରସାଦସେବନ, ହୋମ ଓ ଯଜ୍ଞ ଓ ପ୍ରତିଭା ଅନେଷ୍ୱଣ ଆଦି କାର୍ଯ୍ୟକ୍ରମ ହୋଇଥିଲାଯ୍। ଦୀର୍ଘ ୪୨ ବର୍ଷ ଧରି ଏହି ପୂଜା ଓ ପାର୍ବଣ ମେଳାକୁ ନିଖିରା ଗ୍ରାମ ସହ ପଡୋଶୀ ଗ୍ରାମର ଅଧିବାସୀ ସହାୟତା କରିଆସୁଛନ୍ତି। ଉଦଯାପନୀ ଦିବସରେ ଡଗରାସ୍ଥିତ ଅନନ୍ତ ବଳିଆ ନୃତ୍ୟସଙ୍ଗୀତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୂଜା କମିଟି ତରଫରୁ ପୁରସ୍କୃତ କରାଯାଇଥିଲା।



ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

## ୩୭୪ ହିତାଧିକାରୀଙ୍କୁ ଭତ୍ତା

ବାଲେଶ୍ୱର ଅଫିସ, ୧୪।୧୦

ବାଲେଶ୍ୱର ମ୍ୟୁନିସିପାଲଟି ଅଧୀନ ୩୦ଟି ୱାର୍ଡର ମୋଟ୍ ୩୭୪ ଜଣ ହିତାଧିକାରୀଙ୍କୁ ସୋମବାର ସଦର ବିଧାୟକ ମଦନମୋହନ ଦତ୍ତ ଭତ୍ତା ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ କାର୍ଯ୍ୟକ୍ରମ ମ୍ୟୁନିସିପାଲିଟି ଅଫିସ୍ ପରିସରରେ ଆୟୋଜିତ ହୋଇଥିଲା। ଯେଉଁମାନେ ଭତ୍ତା ପାଇନାହାନ୍ତି ସେମାନଙ୍କୁ ଅବିଳମ୍ବେ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ରାମଚନ୍ଦ୍ର ଜେନା, ମ୍ୟୁନିସିପାଲିଟି ଯନ୍ତ୍ରୀ ପ୍ରଦୀପ କୁମାର ନାୟକ ଏବଂ ଅନ୍ୟାନ୍ୟ ମ୍ୟୁନିସିପାଲିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ସୁଜିତ ଦେବ, ଗଙ୍ଗାଧର ରାଉତ, ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଯୋଗେନ ରଣା, ବିଭୂପଦ ଦାସ, ଉପେନ୍ଦ୍ର ଶତପଥୀ, ରାଧାକାନ୍ତ ଦାସ, ଅନନ୍ତ ନାୟକ, ବିବେକାନନ୍ଦ ରାଉତ, ଧୀରଜ ମହାନ୍ତି, ବିନୟ ମହାରଣା, ଅରୂପ ଜେନା, ରଣଜିତ ପୃଷ୍ଟି, ରଘୁନାଥ ପାତ୍ର, ଅଶୋକ ଦାସ ଓ ସଂଯୁକ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ କବାଡ଼ି ଖେଳ ପ୍ରତିଯୋଗିତା

## ବାଲିଆପାଳ ଟିମ୍ ଚାମ୍ପିୟନ

ବାଲିଆପାଳ, ୧୪।୧୦(ଡି.ଏନ.ଏ.)

ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଇକଡପାଳ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ କବାଡି ପ୍ରତିଯୋଗିତା ଶନିବାର ଶେଷ ହୋଇଯାଇଛି। ୭ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବାଲିଆପାଳ ଓ ଜଳେଶ୍ୱର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିଆପାଳ (୪୨-୨୮)ପଏଣ୍ଟ ବ୍ୟବଧାନରେ ଜଳେଶ୍ୱର ଟିମ୍‌କୁ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାହୁ ମୁଖ୍ୟଅତିଥି, ଜାମଶୂଳୀ କଲେଜ ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ଗିରି ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଜୟୀ ବାଲିଆପାଳ ଟିମ୍‌କୁ ଟ୍ରଫି ଓ ନଗଦ ଟଙ୍କା ପ୍ରଦାନ କରିଥିଲେ। ଏହାସହ ପରାଜିତ ଜଳେଶ୍ୱର ଟିମ୍‌କୁ ରନର୍ସଅପ ଓ ନଗଦ ଟଙ୍କା ପ୍ରଦାନ କରାଯାଇଥିଲା। ବାଲିଆପାଳ ଟିମ୍ ରାଜେଶ ସିଙ୍କୁ ବେଷ୍ଟ ରାଡାର ଓ ଜଳେଶ୍ୱର ଟିମ୍‌ର ବାମଦେବ ଅଣ୍ଡିଆଙ୍କୁ ବେଷ୍ଟ କ୍ୟାଚର ଭାବରେ ପୁରସ୍କୃତ କରାଯାଇଥିଲା। ପଦ୍ମଲୋଚନ ବାରିକ, ରାଜଶ୍ରୀ ନାୟକ, ରେଫରୀ ଜୟନ୍ତ ବେହେରା, ଅମର ପିଲା ସ୍କୋରର, ସଞ୍ଜୟ ପ୍ରଧାନ, ଅନନ୍ତ ଖିଲାର, ପ୍ରଶାନ୍ତ ପିଲା ଲାଇନ୍ସମ୍ୟାନ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟିର ଉତ୍ତମ ପିଲା, ରଞ୍ଜନ ଦେ, ଗଦାଧର ବେହେରା, ସଞ୍ଜୟ ପାତ୍ର, ସୁକୁମାର ପାତ୍ର, ମାନଗୋବିନ୍ଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

■ ଝୋଟ କାରଖାନା ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା

## ଶ୍ରମିକଙ୍କ ସାମଗ୍ରିକ ବିକାଶ ଦିଗରେ ଗୁରୁତ୍ୱ

ରୂପସା, ୧୪।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପସା ଝୋଟ କାରଖାନା ଶ୍ରମିକ ସଂଘର ନବନିର୍ବାଚିତ ସଭାପତି ବିଧାୟକ ମଦନମୋହନ ଦତ୍ତଙ୍କୁ ସୋମବାର କାରଖାନା ପରିସରରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଂଘର କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଦତ୍ତ ସଂଘର ସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କରି ଶ୍ରମିକଙ୍କ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟଧାରା ବଜାୟ ରଖିବେ ବୋଲି ବକ୍ତବ୍ୟରେ କହିଥିଲେ। ତତ୍‌ସହିତ କାରଖାନାର ଉତ୍ପାଦନ ବୃଦ୍ଧି ସାଙ୍ଗକୁ ଶାନ୍ତିଶୃଙ୍ଖଳା ବଜାୟ ଦିଗରେ ଉଭୟ କାରଖାନା କର୍ତ୍ତୃପକ୍ଷ ଏବଂ ଶ୍ରମିକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ସରପଞ୍ଚ ଅନୀତା ବେହେରା, ସମିତିସଭ୍ୟା ଅଭିପ୍ସା ନାୟକ, କାର୍ଯ୍ୟକର୍ତ୍ତା



ଝୋଟ କାରଖାନା ଶ୍ରମିକଙ୍କ ଗହଣରେ ବିଧାୟକ।

ଗୌରାଙ୍ଗ ଦାସ, ରବିନାରାୟଣ ମହାପାତ୍ର, ଗଙ୍ଗାଧର ରାଉତ, ଦେବାଶିଷ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ବିଭୂପଦ ଦାସ ଓ ସ୍ୱାଧିନ ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ରଘୁନାଥ ସାହୁ, ସହସମ୍ପାଦକ ଅଶୋକ କୁମାର ଦାସ, କର୍ମକର୍ତ୍ତା ନିରଞ୍ଜନ ଦାସ, ମନୋରଞ୍ଜନ ସାହୁ, ସଞ୍ଜୟ ସାହୁ, ସନ୍ୟାସୀ ସେଠୀ ଓ ଘନଶ୍ୟାମ ରାଉଳଙ୍କ ସମେତ ଶୁଭେଚ୍ଛୁ କମିଟି ସଭ୍ୟ ତପନ ଗିରି, ଶ୍ରୀଧର ବେହେରା, ରଶ୍ମିରଞ୍ଜନ ଜେନା, ଅନ୍ତର୍ଯ୍ୟାମୀ ବେହେରା ଓ ଲୁଲୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ତରଫରୁ ବିଧାୟକ ଦତ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାରଖାନାର ଜେନେରାଲ ମ୍ୟାନେଜର ହୃଷିକେଶ ରାଉତ ବିଧାୟକଙ୍କୁ ଭେଟି ସାମୟିକ ଆଲୋଚନା କରିଥିଲେ। ଶେଷରେ କର୍ମକର୍ତ୍ତା ମଙ୍ଗୁଳି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବରିଷ୍ଠ ନାଗରିକଙ୍କ ଜନ୍ମଦିନ ପାଳନ

**ବାଲିଆପାଳ,୧୪।୧୦(ଡି.ଏନ.ଏ.):** ବର୍ତ୍ତନା ପଞ୍ଚାୟତ ଗୌରୀବେଳଦା ଗ୍ରାମର ବରିଷ୍ଠ ନାଗରିକ ତଥା ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ୮୦ତମ ଜନ୍ମଦିନ ତାଙ୍କ ବାସଭବନରେ ପାଳିତ ହୋଇଯାଇଛି। ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଲଲାଟେନ୍ଦୁ ପାଣିଗ୍ରାହୀ, ତ୍ରିଦେବ ପାଣିଗ୍ରାହୀ, ଭବାନୀ ଶଙ୍କର ପାଣିଗ୍ରାହୀ, ନଚିକେତା ପାଣିଗ୍ରାହୀ, ଚନ୍ଦନ ପାଣିଗ୍ରାହୀ, ଗୀତାରାଣୀ ପାଣିଗ୍ରାହୀ, ଭାରତୀ ପାଣିଗ୍ରାହୀ, ମିନତି ପାଣିଗ୍ରାହୀ,ସସ୍ମିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ମିଶନ୍ 'ବିୟୁଟି ସିଟି' ତ୍ୱରାନ୍ୱିତ: ଜବରଦଖଲ ଉଚ୍ଛେଦ ଆରମ୍ଭ

ବାଲେଶ୍ୱର ଅଫିସ, ୧୪।୧୦



ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ମିଶନ୍ 'ବିୟୁଟି ସିଟି' ପାଇଁ ଉଚ୍ଛେଦ ପ୍ରକ୍ରିୟାକୁ ଚଳିତବର୍ଷ ଦୁର୍ଗାପୂଜା ପାଇଁ ବନ୍ଦ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ସୋମବାର ପୂର୍ବାହ୍ନରେ ତେଲେଙ୍ଗାସାହି-ଶୋଭାରାମପୁର ରାସ୍ତାରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ରାସ୍ତା ପାର୍ଶ୍ୱରେ ଜବରଦଖଲ ହୋଇ ରହିଥିବା ୧୦ରୁ ଊର୍ଦ୍ଧ୍ୱ ଘରଗୁଡ଼ିକ ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପ୍ରକ୍ରିୟାରେ ମାଜିଷ୍ଟ୍ରେଟ୍ ଭାବେ ସଦର ତହସିଲଦାର ପଞ୍ଚାନନ ପାତ୍ର ଏବଂ ସହଦେବଖୁଣ୍ଟା ମଡ଼େଲ ଥାନାଧିକାରୀ ପରେଶ ରାଉତଙ୍କ ସମେତ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଥିଲେ।

## 'ଅଧ୍ୟୟନ ସହ ସେବା ମନୋଭାବ ଜରୁରୀ'

ଭୋଗରାଇ, ୧୪।୧୦(ଡି.ଏନ.ଏ.)

### ଜାତୀୟ ସେବା ସଂସ୍ଥା ଉଦ୍‌ଯାପିତ




ଜାତୀୟ ସେବାସଂସ୍ଥା ପକ୍ଷରୁ ଆୟୋଜିତ ଶିବିରରେ ଉପସ୍ଥିତ ଅତିଥି।

ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହିତ ସେବା ମନୋଭାବ ରଖିବା ଉଚିତ ବୋଲି ରବିବାର ଆର୍‌ଆଇଏଚଏସ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ସେବା ସଂସ୍ଥା ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି।

କଲେଜ ଅଧ୍ୟକ୍ଷ ସୁଶୀଲ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜାତୀୟ ସେବା ସଂସ୍ଥାର ସଂଯୋଜକ ଅଧ୍ୟାପକ ବ୍ରଜବିହାରୀ ପତି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଗଦାଧର ଦାସ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର କୋର୍ଡ଼ିନେଟର ପବିତ୍ର ମୋହନ ନାୟକ, ସମ୍ମାନନୀୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ଡ. ସତୀଶ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ବିମଳ କୁମାର ମହାନ୍ତି, ଅଧ୍ୟାପିକା ସବିତା ପ୍ରଧାନ, ଶିକ୍ଷକ ଶିବରଞ୍ଜନ ମିଶ୍ର ସେବା କାର୍ଯ୍ୟ ଦ୍ୱାରା ନିଜ ମଧ୍ୟରେ ବଡ଼ ମଣିଷ ହେବାର ସମ୍ଭାବନା ସୃଷ୍ଟି ହୁଏ ବୋଲି ମତ ଦେଇଥିଲେ। ୭ ଦିନ ବ୍ୟାପୀ ଅନୁଷ୍ଠିତ ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହିତ କଲେଜ ପରିସରରେ ସ୍ୱଚ୍ଛ ପରିବେଶ କାର୍ଯ୍ୟ କରାଯାଇଥିଲା। ଛାତ୍ରୀ ଓ ଛାତ୍ର ବିଭାଗରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସିଦ୍ଧେଶ୍ୱରୀ ଜେନା, ଚନ୍ଦନ କୁମାର ଦାସ, ଶ୍ରେଷ୍ଠକର୍ମୀ ଭାବେ ରତିରଞ୍ଜନ ପ୍ରଧାନ, ଅର୍ଚ୍ଚନା ଦେ, ଶ୍ରେଷ୍ଠ ସଙ୍ଗଠକ ଭାବେ ଗୌରାଙ୍ଗ ତୋଳା, ଆଶାଲତା ଜେନା, ପରମେଶ୍ୱର ତ୍ରିପାଠୀ, ସୁଭଦ୍ରା ଗିରିଙ୍କୁ ସାର୍ଟିଫିକେଟ୍ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଚତୁର୍ଭୁଜ ଘଡ଼ାଇ ଧନ୍ୟବାଦ ଦେଇଥିଲେ।

## ଏଫ୍‌ଏମ୍ ମେଡିକାଲ କଲେଜ ପାଇଁ ୮ ନିୟମ
## କ୍ରିୟାନୁଷ୍ଠାନ କମିଟି ଜଣାଇଲା ସମର୍ଥନ

ବାଲେଶ୍ୱର ଅଫିସ,୧୪।୧୦

ବାଲେଶ୍ୱର ଫକୀରମୋହନ ସରକାରୀ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର କୁମାର ଘୋଷ ସମସ୍ତ ପ୍ରଫେସର ବିଭାଗୀୟ ମୁଖ୍ୟ ଓ ଡାକ୍ତରମାନଙ୍କୁ ୮ଟି ନିୟମ ପାଳନ କରିବାକୁ କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରମାନେ ସରକାରୀ ଡ୍ୟୁଟି ସମୟରେ କୌଣସି ଘରୋଇ ଚିକିତ୍ସା କରିପାରିବେ ନାହିଁ, ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ, ଚିକିତ୍ସାଳୟରେ ଉପଲବ୍ଧ ଔଷଧର ଯଥାସମ୍ଭବ ବ୍ୟବହାର, ଔଷଧଚିଠାରେ ସ୍ପଷ୍ଟ ଭାବେ ଔଷଧର ନାମ, ପରିମାଣ ଲେଖିବା ସହ ନିଜର ନାମ ସ୍ୱାକ୍ଷର, କୌଣସି ଔଷଧ କମ୍ପାନୀଙ୍କର ପ୍ରଚାରପତ୍ରରେ ଔଷଧଚିଠା ନ ଲେଖିବା, ଡାକ୍ତରଖାନା ନିକଟରେ କୌଣସି ଘରୋଇ ଚିକିତ୍ସା ନ କରିବା, କୌଣସି ଦଲାଲ୍ କିମ୍ବା ମଧ୍ୟସ୍ଥଙ୍କ ଦ୍ୱାରା ପ୍ରଭାବିତ ନ ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅବହେଳା କଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଘୋଷ ସତର୍କ କରାଇଛନ୍ତି। ଏହି ପଦକ୍ଷେପକୁ ସମର୍ଥନ ଜଣାଇ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ସ୍ୱାଗତ କରିଛି। ଏହି ପରିପ୍ରେକ୍ଷୀରେ କମିଟି କାର୍ଯ୍ୟାଳୟ ପରିସରରେ ଉପସଭାପତି ଭଗବାନ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ ସୁପରିଣ୍ଟେଣ୍ଡେଣ୍ଟଙ୍କ ପଦକ୍ଷେପକୁ ସାଧୁବାଦ ଜଣାଯାଇଛି।

ହସପିଟାଲ୍‌ରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉ ନ ଥିବାରୁ ବହୁ ରୋଗୀ ବିଶେଷକରି ପ୍ରସୂତି ଓ ନବଜାତ ଶିଶୁମାନେ ତଳେ ଶୋଇବାକୁ ବାଧ୍ୟ ହେଉଛନ୍ତି। ତେଣୁ ମେଡିକାଲ୍ କଲେଜ ସଂଲଗ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦୦ ଶଯ୍ୟାର ହସପିଟାଲ୍‌ର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଆସନ୍ତା ଡିସେମ୍ବରରେ କ୍ରିୟାନୁଷ୍ଠାନ କମିଟିର ବାର୍ଷିକ ସମ୍ମିଳନୀ ପୂର୍ବରୁ ଉପରୋକ୍ତ ଦାବି ନେଇ ଆସନ୍ତା ନଭେମ୍ବର ମାସରେ ଏକ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର ଜିଲା ଓ ସମଗ୍ର ରାଜ୍ୟରେ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ଚିକିତ୍ସା ନିମନ୍ତେ ବାଲେଶ୍ୱରରେ ରାଞ୍ଚି ଭଳି ଏକ ସ୍ୱତନ୍ତ୍ର ହସ୍‌ପିଟାଲ ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବାକୁ ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ା ଦେଇଥିବା ପ୍ରସ୍ତାବକୁ ବୈଠକରେ ଅନୁମୋଦନ କରାଯାଇଛି। ଏ ସମ୍ପର୍କରେ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କୁ ସାକ୍ଷାତ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ଆରମ୍ଭରେ ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କର ଅକାଳ ମୃତ୍ୟୁ ପାଇଁ କମିଟି ତରଫରୁ ଶୋକ ପ୍ରକାଶ କରାଯାଇଛି।

■ ଜଳସମ୍ପଦ, ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

## ଜଳାଶୟ ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ

ବାଲେଶ୍ୱର ଅଫିସ, ୧୪।୧୦




ଆଲୋଚନାଚକ୍ରରେ 'ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମିତି'ର କର୍ମକର୍ତ୍ତା ଓ ଅନ୍ୟମାନେ।

ବାଲେଶ୍ୱର ସହର ନିଳିଆବାଗସ୍ଥିତ କାର୍ଯ୍ୟାଳୟରେ 'ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମିତି' ବାଲେଶ୍ୱର ଶାଖା ପକ୍ଷରୁ ସୋମବାର ଜଳସମ୍ପଦ ଓ ପରିବେଶ ସୁରକ୍ଷା ସହ ଜଳକେନ୍ଦ୍ରିକ ସମସ୍ୟାର ସମାଧାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଆବାହକ ଶୁଭଙ୍କର ମହାପାତ୍ର ଆଲୋଚନା ସମ୍ପର୍କରେ ପ୍ରାକ୍ କଥା ଉପସ୍ଥାପନ କରିଥିଲେ। ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ କିଛିଦିନ ପୂର୍ବରୁ ଶେଷ ହୋଇଥିବା ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ 'ଇଣ୍ଡିଆ ୱାଟର ଉଇକ୍'ରେ ଅଂଶଗ୍ରହଣ କରି ସାମ୍ପ୍ରତିକ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ।

ଆଲୋଚନାରେ ପରିବେଶବିତ୍ ଡ. ଅଶୋକ କୁମାର ପାଣିଗ୍ରାହୀ ରାସାୟନିକ ସାର ଓ ଔଷଧର ପ୍ରୟୋଗ ଜଳ, ପରିବେଶ ଉପରେ ପଡୁଥିବା କୁପ୍ରଭାବ ଉପରେ ପ୍ରକାଶ କରିଥିଲେ। ପ୍ରଶାନ୍ତ ପାଢ଼ୀ ଭୂଗର୍ଭ ଜଳର ସୁରକ୍ଷା ପାଇଁ ଭୂପୃଷ୍ଠରେ ଥିବା ଜଳାଶୟ ସମୂହର ସୁରକ୍ଷା ପାଇଁ ଗୁରୁତ୍ୱାରୋପ କରିଥିଲେ। ସାମାଜିକ କର୍ମୀ ଗୋବିନ୍ଦ ଦଳେଇ ଜଳକେନ୍ଦ୍ରିକ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଗଣସଙ୍ଗଠନର ସହଯୋଗ ଆବଶ୍ୟକତା ରହିଛି ବୋଲି ମନ୍ତବ୍ୟ ରଖିଥିଲେ। ସବୁଜସାଥୀର ଆବାହକ ସପନ ମହାପାତ୍ର ବନୀକରଣକୁ ସରକାର ଓ ଜନସାଧାରଣ ପ୍ରାଥମିକତା ଦେବାପାଇଁ ସଚେତନତା ସୃଷ୍ଟି କରିବାକୁ ଆବେଦନ କରିଥିଲେ। ସେହିପରି ଡ. ପ୍ରମୋଦ ପଣ୍ଡା, ଧୀରେନ୍ଦ୍ର ପାଣି, ଇଂ. ପ୍ରଦୀପ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପରିବେଶ ଓ ଜଳସମ୍ପଦର ସୁରକ୍ଷାର ବାର୍ତ୍ତା ସ୍କୁଲ୍ ଛାତ୍ରୀଛାତ୍ରଙ୍କଠାରେ ପହଞ୍ଚାଇବା ପାଇଁ ମତପୋଷଣ କରିଥିଲେ। ବାଲେଶ୍ୱର ସହର ପାଖରେ ଥିବା ବୃହତ୍ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଉଦ୍ୟମ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୁଦ୍ଧିଜୀବୀ, ବିଭିନ୍ନ ଗଣ ସଙ୍ଗଠନ ଓ ଜନପ୍ରତିନିଧିମାନଙ୍କ ସହଯୋଗରେ ଆଗାମୀ ଦିନରେ ସଚେତନତା କାର୍ଯ୍ୟକ୍ରମକୁ ଜିଲାବ୍ୟାପୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଚକ୍ରଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୭୦ ବର୍ଷରେ ମତୋ ଗଜଲକ୍ଷ୍ମୀ ପୂଜା

**ଚାନ୍ଦବାଲି, ୧୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି। ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ରଙ୍ଗିନ ଆଲୋକମାଳାରେ ପରିବେଶ ଝଲସୁଛି। ସୁନ୍ଦର ସାଜସଜ୍ଜା ସାଙ୍ଗକୁ ଲାଇଟ୍ ଓ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସେହିପରି ପାର୍ଶ୍ୱମୂର୍ତ୍ତି, 'ହେଲ୍‌ମେଟ ବିନା ଗାଡ଼ି ଚଲାଇବା ବିପଦ', 'କାଳନେମି ବଧ', 'ସତୀ ସାବିତ୍ରୀ', 'ସୀତା ହରଣ' ଆଦି ସାମାଜିକ ସମସ୍ୟା ଓ ପୌରାଣିକ କଥା ସମ୍ମିଳିତ ବାଲୁଆଲି ଦର୍ଶକଙ୍କୁ ବାନ୍ଧି ରଖୁଛି। ବାଗୁଡ଼ି ଖେଳରୁ ଏଠାରେ ଆରମ୍ଭ ହୋଇଥିବା ଏହି ପୂଜା ଚଳିତ ବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି।

ସପ୍ତାହ ବ୍ୟାପୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀଙ୍କ ପୂଜା ଚାଲିବ। ୨୦ ତାରିଖରେ ଭସାଣି ଶୋଭାଯାତ୍ରା। ସ୍ଥାନୀୟ ଲୋକଙ୍କର ଧାନ ଚାଷ ମୁଖ୍ୟ ବେଉସା। ଧାନ ଅମଳର ପ୍ରାକ୍ ସମୟରେ ଏହି ପୂଜା ପାଳିତ ହେଉଥିବାରୁ ଅଧିକ ଅମଳ ପାଇଁ ସମସ୍ତେ ମା'ଙ୍କ ପାଖରେ ପ୍ରାର୍ଥନା କରିଥାନ୍ତି। ମା'ଙ୍କର ଦୈନିକ ଷୋଡ଼ଶ ଉପଚାର ପୂଜା ସହିତ ନିତି, ନୈବେଦ୍ୟ, ଆଳତି ଆଦି ପାରମ୍ପରିକ ରୀତିରେ ହେଉଛି ବୋଲି ପୂଜକ ଗୟାଧର ମିଶ୍ର କହିଛନ୍ତି। ସ୍ଥାନୀୟ ଲୋକ ଓ ବ୍ୟବସାୟୀଙ୍କ ଆର୍ଥିକ ସହଯୋଗରେ ପ୍ରତିବର୍ଷ ପୂଜା ପାଳିତ ହୋଇଆସୁଛି। ସମୟକ୍ରମେ ପୂଜା ବ୍ୟୟବହୁଳ ହୋଇଛି। ବନ୍ୟା, ବାତ୍ୟା, ମରୁଡ଼ି ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଅଞ୍ଚଳବାସୀ ପରମ୍ପରାକୁ ବଜାୟ ରଖିଥିବା କହନ୍ତି ଗଜଲକ୍ଷ୍ମୀ ପୂଜାର ପ୍ରତିଷ୍ଠାତା ସଭ୍ୟ ଗୟାଧର ସାହୁ। ପୂର୍ବରୁ ମା' ପୂଜା ପାଉଥିବା ସ୍ଥାନ ଏବେ ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ମୀନାବଜାର, ଦୋଳି ଓ ଅସ୍ଥାୟୀ ଦୋକାନଗୁଡ଼ିକ ଏବେ ମତୋ କଚେରୀ ପଡ଼ିଆରେ ପଡୁଥିବା ପୂଜା କମିଟି ସଭ୍ୟ ଗୋଲକ ସାହୁ କହିଛନ୍ତି। ଉଲ୍ଲେଖନୀୟ ଯେ, ୧୯୪୮-୪୯ ମସିହାରେ 'ଲୌହମାନବ' ନାଟକର ରଚୟିତା ପ୍ରସିଦ୍ଧ ନାଟ୍ୟକାର ନବ କୁମାର ସାହୁ ଓ ତାଙ୍କ ସ୍କୁଲ ସହପାଠୀଙ୍କର ମତୋ କଚେରି ପଡ଼ିଆରେ ବାଗୁଡ଼ି ଖେଳରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଚାନ୍ଦବାଲି ବ୍ଲକ ସମେତ ପଡ଼ୋଶୀ ତିହିଡ଼ି, ବାସୁଦେବପୁର ଓ ରାଜକନିକା ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଓ ବ୍ୟବସାୟୀଙ୍କ ସମାଗମ ହେଉଥିବା ପୂଜା କମିଟି ସଭାପତି ଉମାକାନ୍ତ ସାମଲ ପ୍ରକାଶ କରିଛନ୍ତି।






ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି। ବାଲୁଆଲି ମାଧ୍ୟମରେ ହେଲ୍‌ମେଟ ବିନା ଗାଡ଼ି ଚଳାଇବା ବିପଦ ସଚେତନତା ବାର୍ତ୍ତା।

- ପାର୍ଶ୍ୱମୂର୍ତ୍ତି ଦେଉଛି ସଚେତନତା ବାର୍ତ୍ତା
- ରଙ୍ଗିନ ଆଲୋକରେ ଝଲସୁଛି ପରିବେଶ



ଆରଡ଼ି ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ।

## ଆରଡ଼ି, ଷାଠିବାଙ୍କୁଡ଼ାରେ ଗଜଲକ୍ଷ୍ମୀ ପୂଜା

**ଆରଡ଼ି, ୧୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲାର ଶୈବପୀଠ ଆରଡ଼ି ଓ ପୀଠ ନିକଟସ୍ଥ ଷାଠିବାଙ୍କୁଡାଠାରେ ରବିବାରଠାରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ଆରଡ଼ିରେ ପ୍ରାୟ ୧୫୦ ବର୍ଷ ଧରି ଏହି ପୂଜା ହୋଇଆସୁଥିବା ଆୟୋଜକ ବ୍ରଜସୁନ୍ଦର ପାଢ଼ୀ କହିଛନ୍ତି। ସେହିପରି ଷାଠିବାଙ୍କୁଡ଼ାର କେତେଜଣ ଯୁବକ ୫ବର୍ଷ ହେଲା ମା' ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜନ କରିଆସୁଛନ୍ତି। ରବିବାର ଉଭୟ ସ୍ଥାନରେ କଳସ ବୁଡ଼ାଇଲା ପରେ ପୁରୋହିତଙ୍କ ଦ୍ୱାରା ମନ୍ତ୍ରପାଠ ଆରମ୍ଭ ହୋଇଥିଲା। ବିଧି ଅନୁସାରେ ହୋମ ସହ ଅନ୍ୟ କର୍ମ ମଣ୍ଡପରେ କରାଯାଇଥିଲା। ସୋମବାର ଦିନତମାମ ମା'ଙ୍କ ପାଖରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାତିରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳ ଓ ବୁଧବାର ଉଭୟ ସ୍ଥାନରେ ମା'ଙ୍କ ପୂଜା ସହ ସନ୍ଧ୍ୟାରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟ, ଗୁରୁବାର ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଗୁରୁବାର ରାତିରେ ନାମସଂକୀର୍ତ୍ତନ କରି ମା' ଗଜଲକ୍ଷ୍ମୀଙ୍କୁ ବୈତରଣୀ ନଦୀ ଜଳରେ ବିସର୍ଜନ ଦିଆଯିବ। ଷାଠିବାଙ୍କୁଡ଼ା ଗାଁରେ ବିଭିନ୍ନ ଜାତିର ଲୋକ ବସବାସ କରୁଥିଲେ ମଧ୍ୟ ଲକ୍ଷ୍ମୀ ପୂଜାରେ ସେମାନେ ଏକତ୍ର ହୋଇ ଯେଭଳି ସାମିଲ ହୁଅନ୍ତି, ଏହା ଅନ୍ୟ ଗ୍ରାମ ପାଇଁ ବିରଳ ବୋଲି କମିଟି ସଭାପତି ରାଜେନ୍ଦ୍ର ସେଠୀ କହିଥିଲେ। ସ୍ଥାନୀୟ ଅଞ୍ଚଳରେ ଏହି ପୂଜା ଭାଇଚାରା ରଖିବାରେ ସହାୟତା ଯୋଗାଇଥାଏ ବୋଲି ଅନୁଷ୍ଠାନ ସମ୍ପାଦକ ସୂର୍ଯ୍ୟନାରାୟଣ ବାରିକ ପ୍ରକାଶ କରିଥିଲେ।

# ବନ୍ତ ଅଞ୍ଚଳ ଉତ୍ସବମୁଖର

**ବନ୍ତ,୧୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ବନ୍ତ ଥାନା ଛକ ଓ କେନ୍ଦୁଆପଦା ଛକଠାରେ ରବିବାରଠାରୁ ଆରମ୍ଭ ହୋଇଛି । ଏଥିପାଇଁ ବନ୍ତ ଅଞ୍ଚଳ ଉତ୍ସବମୁଖର ହୋଇଛି। ଭଦ୍ରକ ସମେତ ପଡ଼ୋଶୀ କେନ୍ଦୁଝର, ବାଲେଶ୍ୱର ଓ ଯାଜପୁର ଜିଲାରୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମୁଛି। ଚଳିତବର୍ଷ ଦର୍ଶକମାନଙ୍କ ଚାହିଦାକୁ ଦୃଷ୍ଟି ଦେଇ ବହୁ ଦୂରଦୂରାନ୍ତରୁ ବ୍ୟବସାୟୀମାନେ ଆସି ବିଭିନ୍ନ ପ୍ରକାର ଦୋକାନ ଖୋଲିଛନ୍ତି। ସନ୍ଧ୍ୟା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ଲୁଟେରାଙ୍କ ଉପରେ ବିଶେଷ ନଜର ରଖିବା ଓ ବଜାର ଅଞ୍ଚଳ ଦେଇ ଯାନବାହନ କିପରି ସହଜରେ ଚଳାଚଳ କରିପାରିବ ସେ ନେଇ ପଦକ୍ଷେପ ନିଆଯାଇଛି। କେନ୍ଦୁଆପଦା ଛକ ପୂଜା କମିଟି ପକ୍ଷରୁ କାଳନ୍ଦୀ ସ୍ୱାଇଁ, ବିଜୟ ବେହେରା ପୁଷ୍କରିଣୀରୁ ଜଳ ଆଣିବା ପରେ ଘଟ ସ୍ଥାପନ ପୂର୍ବକ ଯଥାରୀତି ପୂଜା କରାଯାଇଥିଲା। ପୂଜକ ଭବବାନ ପତି, ରାଷ୍ଟ୍ରପତି ପଣ୍ଡା ପୂଜା କାର୍ଯ୍ୟ ତୁଲାଉଛନ୍ତି। ଚାଇଁପୁର ଗ୍ରାମର ଶିଳ୍ପୀ ଜଳଧର ଦାସଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ ଓ ସାମାଜିକ ଘଟଣାବଳୀକୁ ନେଇ ବାଲୁଆଲି ତିଆରି କରାଯାଇଛି। ଆସନ୍ତା ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

ସେହିପରି ଥାନା ଛକ ପୂଜା କମିଟି ପକ୍ଷରୁ ଶ୍ୟାମସୁନ୍ଦର ପଣ୍ଡା, ବଳରାମ ସାହୁ, କୃଷ୍ଣ ସାହୁ କପାଳୀ ନଦୀରୁ କଳସରେ ଜଳ ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ପୂଜକ ଭାସ୍କର ଚନ୍ଦ୍ର ଶତପଥୀ ପୂଜା କାର୍ଯ୍ୟ କରୁଛନ୍ତି। ଭଦ୍ରକ ଜଳଗାଁ ଗ୍ରାମର ପଦ୍ମଲୋଚନ ଜେନାଙ୍କ ଦ୍ୱାରା ତିଆରି ହୋଇଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ବାଲୁଆଲି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି। କମିଟି ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ନୃସିଂହ ଚରଣ ପରିଡା, ଉପଦେଷ୍ଟା ଚାରୁଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି।



କେନ୍ଦୁଆପଦା ଛକ ପୂଜା ମଣ୍ଡପ।

## ଛେରାପହଁରା କଲେ, ନେତ୍ରପଣା ଦେଲେ

**ତିହିଡ଼ି, ୧୪।୧୦ (ଡି.ଏନ.ଏ.)** :ତିହିଡ଼ି ବ୍ଲକର ସିନ୍ଦୋଳ ପଞ୍ଚାୟତ ଲକ୍ଷ୍ମୀନାରାୟଣ ପୂଜା ପାଇଁ ଉତ୍ସବମୁଖର ହୋଇଛି। ଏହି ଉପଲକ୍ଷେ ରବିବାର ରାତିରେ ନୂଆପାଟଣା ଗାଁରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହସ୍ରାଧିକ ମାନସିକଧାରୀ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଛେରାପହଁରାରେ ସାମିଲ ହୋଇଥିଲେ। ଏହାଛଡ଼ା ଆଖପାଖ ଅଞ୍ଚଳର ମାନସିକଧାରୀ ଲକ୍ଷ୍ମୀନାରାୟଣଙ୍କୁ ନେତ୍ରପଣା ଅର୍ପଣ କରିଥିଲେ। ଏଠାରେ ଠାକୁରଙ୍କ ବିଜେ କଳସ ଆଗରେ ଛେରାପହଁରା କରି ନେତ୍ରପଣା ଦେଲେ ମାନସିକ ପୂରଣ ହେବା ସାଙ୍ଗକୁ ଦୂରାରୋଗ ବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଭଦ୍ରକ ଚାନ୍ଦବାଲି ରାସ୍ତାପାର୍ଶ୍ୱରେ ସିନ୍ଦୋଳଠାରେ ମଧ୍ୟ ସାର୍ବଜନୀନ ଲକ୍ଷ୍ମୀନାରାୟଣ ପୂଜା ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ପାଳିତ ହୋଇଛି। ପାରମ୍ପରିକ ନୀତି ଅନୁସାରେ ଛେରାପହଁରା ଓ ନେତ୍ରପଣା କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳପୁର ପଞ୍ଚାୟତ କନାଟିଆ ଗ୍ରାମର ହରିହର ଲେଙ୍କାଙ୍କ ବାସଭବନରେ ମଧ୍ୟ ଲକ୍ଷ୍ମୀନାରାୟଣ ପୂଜା କରାଯାଇଛି। ସ୍ୱର୍ଗତ ଗୋଲକ ପ୍ରସାଦ ଲେଙ୍କାଙ୍କ ଉଦ୍ୟମରେ ଏଠାରେ ଏହି ପୂଜା ଆରମ୍ଭ ହୋଇଥିଲା।



ଛେରାପହଁରା ପାଇଁ ଠିଆ ହୋଇଛନ୍ତି ଶ୍ରଦ୍ଧାଳୁ।



ଭଦ୍ରକ କଚେରୀ ବଜାର ପୂଜା ମଣ୍ଡପ।

### ସଂକ୍ଷେପରେ

## ଯୁବକଙ୍କୁ ପିଟି ହତ୍ୟା ଘଟଣା ଜାମିନ ନାମଞ୍ଜୁର ହେବାରୁ ଜେଲ ଗଲେ ୩ ଅଭିଯୁକ୍ତ

**ଭଦ୍ରକ ଅଫିସ, ୧୪।୧୦:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଉତରାଗଡିଆ ପାଟଣାରେ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯିବା ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ସୋମବାର ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏହି ହତ୍ୟା ଘଟଣାର ତଦନ୍ତ କରୁଥିବା ପୋଲିସ ରବିବାର ଭୁବନେଶ୍ୱରରୁ ସୁକୁଟା ବେହେରା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ୩ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଆତ୍ମସମର୍ପଣ କରିଥିବା ମନୋଜ ମହାରଣା ଓ ପ୍ରଭାତ ମହାରଣାଙ୍କ ସମେତ ୩ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ ରାଉତରାଗଡିଆ ପାଟଣା ଗାଁରେ ଗତମାସ ୧୯ ତାରିଖରେ ରାସ୍ତାରେ ବାଲି ରଖିବାକୁ କେନ୍ଦ୍ର କରି ବିଜୟ ବେହେରାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ମୃତ ବିଜୟଙ୍କ ସାନଭାଇ ଯୁଧିଷ୍ଠିରଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ. ୫୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ସପ୍ତାହକ ପରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଗିରଫ ହୋଇଥିଲେ।

## ରାସ୍ତାକଡ଼କୁ ଓଲଟିଲା ହାଇୱା

**ବନ୍ତ, ୧୪।୧୦(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ-ଆଗରପଡ଼ା ରାସ୍ତାର ବଧିଗଡିଆ ତାରିଣୀ ଛକଠାରେ ସୋମବାର ପୂର୍ବାହ୍ନରେ ମେଟାଲ ବୋଝେଇ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଗାଡ଼ିଟି ଆଗରପଡ଼ା ପଟୁ ଆସୁଥିଲା। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଅପରାହ୍ନରେ ମାଲିକ ଆସି ଗାଡ଼ିକୁ ଉଠାଇ ନେଇଯାଇଥିବା ସୂଚନା ମିଳିଛି।

# ଆବାସ ଯୋଜନାରେ ପାତରଅନ୍ତର: ତଦନ୍ତ ଦାବିକଲେ ଗ୍ରାମବାସୀ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ।

**ଭଦ୍ରକ ଅଫିସ,୧୪।୧୦**

ଭଦ୍ରକ ବ୍ଲକ ଅଧୀନ ବନ୍ଧଗାଁ ପଞ୍ଚାୟତର ଶତାଧିକ ବାସିନ୍ଦା ସୋମବାର ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜନୈତିକ ପାତରଅନ୍ତର ନୀତିରେ ହିତାଧିକାରୀ ଚୟନ କରାଯାଉଥିବା ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ପଞ୍ଚାୟତର ଗରିବ, ଦିନମଜୁରିଆ, ନଡ଼ାଛପର ଓ ମାଟିଘରେ ବାସ କରୁଥିବା ହିତାଧିକାରୀଙ୍କୁ ଜିଓଟ୍ୟାଗ୍ ତାଲିକାରୁ ବାଦ୍ ଦେଇ କୋଠାଘର, ଚାକିରି କରିଥିବା ଓ ଧନୀଶ୍ରେଣୀର ଲୋକଙ୍କୁ ଏଥିରେ ସାମିଲ କରାଯାଇଛି। ଏପରି କି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳ ପକ୍ଷରୁ ଆଶାୟୀ ହିତାଧିକାରୀଙ୍କୁ ଲାଞ୍ଚ ମଗାଯାଉଛି ବୋଲି ସେମାନେ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି।

## ରଜତନଗର ଚାମ୍ପିୟନ

**ବନ୍ତ,୧୪।୧୦(ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ା ରାଉତରାପୁରସ୍ଥିତ ସୁବର୍ଣ୍ଣେଶ୍ୱର ୟୁଥ କ୍ଲବ ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମଠାରେ ଚାଲିଥିବା ୧୭ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୟୂରଭଞ୍ଜ ଜେପିଏସ୍ ରଜତନଗର ଓ ସୋର ବିର୍ସାମୁଣ୍ଡା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ବିର୍ସାମୁଣ୍ଡା କ୍ଲବକୁ ୩-୦ ଗୋଲ୍‌ରେ ହରାଇ ରଜତନଗର ଚଳିତବର୍ଷ ଚାମ୍ପିୟନ ହୋଇଛି। ଅତିଥି ଭାବେ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଶାନ୍ତ ଦାଶ, ରେବତୀ ନାୟକ, କମଳାକାନ୍ତ ସାହୁ, ସତ୍ୟସାଧନ ବେଜ, ସୁଶାନ୍ତ ମିଶ୍ର ପ୍ରମୁଖ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ।

# ୯୬ ଅଭିଯୋଗର ଶୁଣାଣି

**ବନ୍ତ,୧୪।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଜ୍ଞାନରଞ୍ଜନ ଦାଶଙ୍କ ଦ୍ୱାରା ୯୬ଟି ଅଭିଯୋଗର ଶୁଣାଣି କରାଯାଇଛି। ଗତ ୨ବର୍ଷ ମଧ୍ୟରେ ଏହା ସର୍ବାଧିକ ବୋଲି ଜଣାଯାଇଛି। ପୂର୍ବରୁ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରି କୌଣସି ସୁଫଳ ମିଳୁ ନ ଥିବାରୁ ଲୋକେ ଅଭିଯୋଗ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଚଳିତବର୍ଷ ରାଜ୍ୟ ସରକାରଙ୍କ ୫-ଟି ନିୟମ ଲାଗୁ ହେବା ପରେ ସାଧାରଣ ଲୋକେ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିବାକୁ ଆସୁଥିବାର ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଗୃହ ବାବଦରେ ସର୍ବାଧିକ ୪୧ ଅଭିଯୋଗ ଆସିଥିଲା। ସେହିପରି ରାଶନ କାର୍ଡ, ସରକାରୀ ଜାଗା ଅବରୋଧ, ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଆଦି ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ପିକେ ଖୁଣ୍ଟିଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ବିଡିଓ ରେବେକା ବିଲୁଙ୍ଗ, ତହସିଲଦାର ମନୋରମା ଜାଲି, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା, ଜିଲା ଶିକ୍ଷାଧିକାରୀ ସଂଗ୍ରାମ କେଶରୀ ସାହୁଙ୍କ ସହ ବହୁ ବ୍ଲକ କର୍ମଚାରୀ ଶିବିରରେ ଉପସ୍ଥିତ ଥିଲେ।

# ଜିଓଟ୍ୟାଗ୍ ପ୍ରକ୍ରିୟା ବାତିଲ ଦାବି

**ଭଣ୍ଡାରିପୋଖରୀ,୧୪।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଜିଓଟ୍ୟାଗ୍ ପ୍ରକ୍ରିୟାକୁ ବାତିଲ କରାଯାଇ ଏହି ଦୁର୍ନୀତିର ନ୍ୟାୟିକ ତଦନ୍ତ ପାଇଁ ଦାବି ହୋଇଛି। ଭଣ୍ଡାରିପୋଖରୀ ଭାଜପା କାର୍ଯ୍ୟାଳୟଠାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ବଦ୍ରିନାରାୟଣ ଧଳ ଏହି ଆରୋପ କରିଥିଲେ। ବସନ୍ତ ରାଉତ, ପ୍ରକାଶ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ମଣ୍ଡଳ ସଭାପତି ଜଗବନ୍ଧୁ ଦାସ, ମୁକୁନ୍ଦ ମଲ୍ଲିକ, ତପସ୍ୱିନୀ ମହାପାତ୍ର, ଜୟସ୍ମିତା ଗୋଚ୍ଛାୟତ, ନିର୍ମଳ କର, ବାବାଜୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପା ପକ୍ଷରୁ ଦର୍ଶାଯାଇଛି ଯେ, ଏହି ବ୍ଲକରେ ଚଳିତବର୍ଷ ୨୫୬୩ଟି ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ବ୍ଲକ ପ୍ରଶାସନ ଯୋଗ୍ୟ ହିତାଧିକାରୀ ନ ଥିବା ଦର୍ଶାଇ ୫୦୪ଟି ଫେରସ୍ତ କରିଛି। ଏହି ଯୋଜନାକୁ ରାଜ୍ୟ ସରକାର ତାଙ୍କ ପ୍ରଚାର ପାଇଁ ବିଜୁ ପକ୍କା ଘର ଯୋଜନାରେ ଘର ଦିଆଯାଉଥିବା ଅପପ୍ରଚାର କରି କେନ୍ଦ୍ରୀୟ ଯୋଜନାକୁ ହଡପ କରୁଛନ୍ତି। ବ୍ଲକରେ ମଧ୍ୟ ଜିଓ ଟ୍ୟାଗ୍ ଅନୈତିକ ପ୍ରକ୍ରିୟାରେ କରାଯାଉଛି। ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଥିବା ବେଳେ ଦଳୀୟ ସମର୍ଥକ ପରିବାରର ଏକାଧିକ ସଦସ୍ୟ ନାମରେ ଜିଓ ଟ୍ୟାଗ କରାଯାଉଛି।



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

# ରାତାରାତି ଚାଲିଛି ସଜଡ଼ା, ବଦଳୁନି ସ୍ଥିତି

**ଭଦ୍ରକ ଅଫିସ, ୧୪।୧୦**

- ଆସୁଛନ୍ତି ୫-ଟି ସଚିବ, ପ୍ରତିନିଧିଦଳ
- ଜିଲା ସ୍ୱାସ୍ଥ୍ୟ ବିଭାଗ ଆଖିରେ ନିଦ ନାହିଁ



ଚିତ୍ରକର ସଚେତନତା ଫଳକ ଲେଖୁଛନ୍ତି।

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ବିଭିନ୍ନ ସମୟରେ ନାନା ଚର୍ଚ୍ଚାରେ ରହିଆସିଛି। 'ମୋ ସରକାର ଯୋଜନା'ର ସମୀକ୍ଷା ପାଇଁ ୫-ଟି ସଚିବ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଭଦ୍ରକ ଜିଲା ଚିକିତ୍ସାଳୟ ପରିଦର୍ଶନରେ ଆସିବା କାର୍ଯ୍ୟକ୍ରମ ଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଚଳଚଞ୍ଚଳ ହୋଇଉଠିଛି। ରାତାରାତି କେଉଁଠି ଫଳକ ଲେଖା ଚାଲିଛି ତ ଆଉ କେଉଁଠି ରଙ୍ଗ ଦିଆଯାଉଛି। ହେଲେ ଭିତ୍ତିଭୂମିରେ ସୁଧାର ନାହିଁ କି ସ୍ଥିତିରେ ଆସୁନି ପରିବର୍ତ୍ତନ। କେବଳ ଜିଲା ମୁଖ୍ୟ ଚିକିତ୍ସାଳୟ ନୁହେଁ ସାରା ଜିଲାରେ ଡାକ୍ତର, କର୍ମଚାରୀ ଅଭାବ ଆଦି କାରଣରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଡାକ୍ତରଖାନାଗୁଡ଼ିକର ଉନ୍ନତି ଲାଗି ସରକାର ବିପୁଳ ଟଙ୍କା ଖର୍ଚ୍ଚ କରିବା ସହ ମାଗଣାରେ ଔଷଧ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଉଥିବା ବେଳେ ଜିଲାବାସୀ ସରକାରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ଉଦ୍‌ବେଗର କାରଣ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶତାଧିକ ରୋଗୀ ବାରଣ୍ଡାରେ ଶୋଇ ଚିକିତ୍ସିତ ହେବା ନିତିଦିନିଆ ଘଟଣା ହୋଇଛି। ରୋଗୀଙ୍କ ସମ୍ପର୍କୀୟମାନେ ସାଲାଇନ ବୋତଲ ଓ ରକ୍ତ ପାଉଚ୍ ଧରି ବାରଣ୍ଡାରେ ଚିକିତ୍ସାଧୀନ ରୋଗୀଙ୍କ ପାଖରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି।

ଭଦ୍ରକ ଜିଲା ସମେତ ସହିତ ଆଖପାଖ ଅଞ୍ଚଳର ପ୍ରାୟ ୩୦ ଲକ୍ଷ ଲୋକ ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ସ୍ୱାସ୍ଥ୍ୟସେବା ଲାଗି ନିର୍ଭର କରୁଛନ୍ତି। ଦୈନିକ ଆଉଟ୍‌ଡୋରକୁ ପ୍ରାୟ ୧୫ ଶହ ରୋଗୀ ଆସୁଛନ୍ତି। ଇନ୍‌ଡୋରରେ ପ୍ରାୟ ୫ଶହ ରୋଗୀ ଭର୍ତ୍ତି ହେଉଛନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସକାଶେ ଆବଶ୍ୟକ ଭିତ୍ତିଭୂମି ନାହିଁ କି ଡାକ୍ତର, କର୍ମଚାରୀ ନାହାନ୍ତି। ୫୦ରୁ ଉର୍ଦ୍ଧ୍ୱ ଡାକ୍ତର ଓ କର୍ମଚାରୀ ପଦବୀ ଖାଲି ପଡିଛି। ଦୀର୍ଘମାସ ଧରି ଡାକ୍ତରଖାନା ପରିସରରେ ଅଳିଆ ଆବର୍ଜନା ସଫା ନ ହୋଇ ପଡିରହୁଛି। ଏବେ ଉଚ୍ଚ ଅଧିକାରୀ ପରିଦର୍ଶନରେ ଆସୁଥିବାରୁ ତରବରିଆ ଭାବେ ଅଳିଆ ସଫେଇ ସହ ମେଡିକାଲ କୋଠାରେ ରଙ୍ଗ ଦେଇ ଏହାକୁ ନୂଆ ରୂପ ଦେବାକୁ ଉଦ୍ୟମ କରାଯାଉଛି। ଚିତ୍ରକରଙ୍କ ଦ୍ୱାରା ସଚେତନତା ପୋଷ୍ଟର ଲେଖାଯାଉଛି। ବିଦ୍ୟୁତ୍ ସରଞ୍ଜାମ ମରାମତି କରାଯାଉଛି। ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଏ ନେଇ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଏଠାରେ ରାତି ସମୟରେ ଆଉଟ୍‌ଡୋରରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ, ଫାର୍ମାସିଷ୍ଟ, ଜଣେ ଡାକ୍ତର ଓ ଅନ୍ୟ ଜଣେ ଠିକା କର୍ମଚାରୀ ଡ୍ୟୁଟି କରୁଛନ୍ତି। ଏଥିଲାଗି ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି। ବିଭିନ୍ନ ୱାର୍ଡରେ ଥିବା ଶୌଚାଳୟକୁ ନିୟମିତ ସଫା କରାଯାଉ ନାହିଁ । ଟ୍ରମାକେୟାର ୟୁନିଟର ଶୌଚାଳୟ କବାଟ ଦୀର୍ଘମାସ ଧରି ଭାଙ୍ଗି ପଡ଼ିଥିଲା। ଏବେ ଏହାକୁ ରାତାରାତି ମରାମତି କରାଯାଇଛି। ଅଲ୍‌ଟ୍ରାସାଉଣ୍ଡ ୟୁନିଟ ଦୀର୍ଘବର୍ଷ ଧରି ଅଚଳ ହୋଇପଡିଛି। ଆବଶ୍ୟକ କର୍ମଚାରୀ ଓ ଡାକ୍ତର ନ ଥିବାରୁ ଯେଉଁମାନେ କାମ କରୁଛନ୍ତି, ରୋଗୀଙ୍କ ପ୍ରତି ସେମାନଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ଆସି ନ ଥିବା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି ଅଭିଯୋଗ କରିଛନ୍ତି। ମୋ ସରକାର ଯୋଜନା କେବଳ ଲୋକଦେଖାଣିଆ କହି ସେ ସମାଲୋଚନା କରଛନ୍ତି। ଭାଜପା ମଣ୍ଡଳ ସଭାପତି ପ୍ରଭାକର ସାମଲ ସ୍ୱାସ୍ଥ୍ୟସେବା ନେଇ ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ୫-ଟି ସଚିବ ଆସିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ତରବରିଆ ଭାବେ କରୁଥିବା କାମକୁ ମଧ୍ୟ ସେ ସମାଲୋଚନା କରିଛନ୍ତି।

## ସଂକ୍ଷେପରେ

### ପୋଲିସ ହେପାଜତରୁ ବାପପୁଅ ଚମ୍ପଟ

କେନ୍ଦୁଝର, ୧୪।୧୦(ସ୍ୱ.ପ୍ର.)- ଦୁଇ ଅଭିଯୁକ୍ତ ବାପପୁଅଙ୍କ ଜାମିନ ନାମଞ୍ଜୁର ହେବାପରେ କେନ୍ଦୁଝର ଜିଲା କୋର୍ଟ ପରିସରରେ ପୋଲିସ ହେପାଜତରେ ଥିବାବେଳେ ସେଠାରୁ ଚମ୍ପଟ ମାରିଛନ୍ତି। ସେମାନଙ୍କ ଘର ତେଲକୋଇ ଅଞ୍ଚଳରେ। ସ୍ଥାନୀୟ ପୋଲିସ ଏନେଇ କୌଣସି ସୂଚନା ଦେଉ ନାହାଁ। କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର ଘଟଣା ସମ୍ପର୍କରେ ସୂଚନା ପାଇ ଏହାର ତଦନ୍ତ କରିବାକୁ ଡିଏସ୍‌ପି (କ୍ରାଇମ୍)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାର୍‌ପିଟ ମାମଲାରେ ଏହି ବାପପୁଅ ସୋମବାର କୋର୍ଟରେ ହାଜର ହୋଇଥିବା କୁହାଯାଉଛି। ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଜେଲ ହାଜତକୁ ପଠାଇବା ସକାଶେ ପୋଲିସ ଜିମାରେ ଛଡ଼ାଯାଇଥିବାବେଳେ କିଭଳି ପରିସ୍ଥିତିରେ ସେମାନେ ଖସି ପଳାଇଲେ ତାହା ସ୍ପଷ୍ଟ ହୋଇନାହିଁ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର, ୧୪।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)- ଚଳିତ ଅକ୍ଟୋବର ୧୪ ତାରିଖ ସୋମବାର ଜିଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୩୫ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୮୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୩ଟି ଅଭିଯୋଗ ଗୋଷ୍ଠୀ ସମସ୍ୟ/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୧୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଡଃ ଭକ୍ତଚରଣ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଲିଲି କୁମାରୀ କୁଲୁ, ପିଏଆଇଟିଡିଏ, କେନ୍ଦୁଝର ନାରାୟଣ ମୁର୍ମୁ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଆସିଷ୍ଟାଣ୍ଟ କଲେକ୍ଟର ଶିବବ୍ରତ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର (ଏମର୍‌ଜେନ୍ସି) ସୁରଞ୍ଜିକା ବେହେରାଙ୍କ ସମେତ ଜିଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପ୍ରକୋଷ୍ଠରେ ଜିଲାପାଳ ୬ ଜଣ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୬୦ ହଜାର ୫ ଶହ ଟଙ୍କା ମଞ୍ଜୁର କରିଥିଲେ।

### କ୍ଷୀର ବୋଝେଇ ଟ୍ରକ୍‌କୁ ପିଟିଲା କୋଇଲା ବୋଝେଇ ଟ୍ରକ୍

କେନ୍ଦୁଝର, ୧୪।୧୦( ସ୍ୱ.ପ୍ର.)- ରିମୁଳି ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଠାରେ ୨୦ ନଂ ଜାତୀୟ ରାଜପଥରେ ଏକ କ୍ଷୀର ବୋଝେଇ ମିନି ଟ୍ରକ ପଛରୁ ଏକ କୋଇଲା ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ ଟ୍ରକଟି କିଛି ଦୂରକୁ ଛିଟିକି ପଡିଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ଓ ହେଲପର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ଶିକ୍ଷକ ଲକ୍ଷ୍ମୀଧର ସମ୍ବର୍ଦ୍ଧିତ

ପାଟଣା,୧୪।୧୦(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ଗ୍ରାମର ଟ୍ୟୁଶନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀଙ୍କୁ ଉକ୍ତ ଗ୍ରାମରେ ତାଙ୍କର ଶତାଧିକ ଛାତ୍ରୀଛାତ୍ର, ଶୁଭେଚ୍ଛୁ ଓ ଗ୍ରାମବାସୀଙ୍କ ତରଫରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଲକ୍ଷ୍ମୀଧର ଏବେ ୮୫ ବର୍ଷ ବୟସରେ ପଦାର୍ପଣ କରିଥିଲେ ହେଁ ଶିକ୍ଷାଦାନ ଅବ୍ୟାହତ ରଖିଛନ୍ତି। ତାଙ୍କର ନିରବଚ୍ଛିନ୍ନ ଶିକ୍ଷା ଦାନ ଫଳରେ ଟାଙ୍ଗରପଡା ଅଞ୍ଚଳରୁ ବହୁ ମେଧାବୀ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଡାକ୍ତର, ଅଧ୍ୟାପକ, ଇଞ୍ଜିନିୟର ଶିକ୍ଷକ ଓ ଆଇନଜୀବୀ ଭାବରେ ଆଜି ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି ବୋଲି ଯୋଗ ଦେଇଥିବା ଅତିଥି ମାନେ ମତପ୍ରକାଶ କରିଥିଲେ। ଶିକ୍ଷାଦାନ ପ୍ରତିବଦଳରେ ସିଏ କିଛି ଅର୍ଥ ଦାବି କରିନଥାନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପାଟଣା ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅତିଥି ଭାବେ ସାମାଜିକ କର୍ମୀ ବିଜୟ ଚନ୍ଦ୍ର ସାହୁ, ଜଗଦୀଶ ପୃଷ୍ଟି, ଅବସର ପ୍ରାପ୍ତ ପାଟଣା ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ, ପିତାମ୍ବର ପଲେଇ, ସତ୍ୟାନନ୍ଦ ସାହୁ, ହରେକୃଷ୍ଣ ସାହୁ ଓ ହଳଧର ସାହୁ ପ୍ରମୁଖ ଯୋଗଦେଇ ଲକ୍ଷ୍ମୀଧରଙ୍କ ଦୀର୍ଘ ସୁସ୍ଥ ଜୀବନ କାମନା କରି ଅଙ୍ଗବସ୍ତ୍ର, ଉପଢୌକନ, ମାନପତ୍ର ସହ ୫ହଜାର ଟଙ୍କା ଦେଇ ସମ୍ମାନିତ କରିଥିଲେ।

# ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଲୋଡ଼ା

ଦେବପ୍ରିୟ ରଣା
ବଡ଼ବିଲ, ୧୪।୧୦(ସ୍ୱ.ପ୍ର.)



ବଡବିଲ ରେଳ ଷ୍ଟେଶନରେ ସଚିନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ସାଧନା ପଥେ ସଚିନ**
- ଆନ୍ତର୍ଜାତିକ ଉସୁ ପ୍ରତିଯୋଗିତାରେ ଭାରତ ଲାଗି ଆଣିଲେ ସ୍ୱର୍ଣ୍ଣ
- ସରକାରଙ୍କ ତରଫରୁ ମିଳିଲାନି ସହାୟତା କି ପ୍ରୋତ୍ସାହନ

ଜୀବନ ଯେତେ ସଂଘର୍ଷପୂର୍ଣ୍ଣ ହେଲେ ବି ସାଧନା ଓ ଚେଷ୍ଟା ଦ୍ୱାରା ସଫଳତା ମିଳିବା ସମ୍ଭବ । ଏଥିଲାଗି ଯୁବପ୍ରତିଭାଙ୍କୁ ପ୍ରୋତ୍ସାହନ ମିଳିବା ଦରକାର। ଏକଥା କହିଛନ୍ତି କେନ୍ଦୁଝର ଜିଲା ବଡବିଲର ସୁନାପୁଅ ସଚିନ। ଗତ ୭ ଓ ୮ ତାରିଖ ଦୁଇଦିନ ଧରି ମାଲେସିଆରେ ଅନୁଷ୍ଠିତ ଉସୁ ପ୍ରତିଯୋଗିତାରେ ସେ ଭାଗ ନେଇ ସ୍ୱର୍ଣ୍ଣ ଜିତି ଜିଲା, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ସରକାର ତଥା ପ୍ରଶାସନର ବିନା ସହାୟତାରେ ସେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ଲାଭ କରିଥିବାରୁ ବଡବିଲବାସୀଙ୍କ ସହଯୋଗ ଓ ସମର୍ଥନ ସକାଶେ କୃତଜ୍ଞତା ଜଣାଇଛନ୍ତି। ମାଲେସିଆରୁ ଫେରି ହାୱଡା-ବଡ଼ବିଲ ଜନଶତାବ୍ଦୀ ଏକ୍ସପ୍ରେସ ଟ୍ରେନ ଯୋଗେ ଆସି ରବିବାର ବଡ଼ବିଲ ରେଳ ଷ୍ଟେଶନରେ ପହଞ୍ଚିବା ପରେ ତାଙ୍କୁ ମହାନ୍ତ ମାର୍ଶଲ ଆର୍ଟ ସଂଗଠନ ସମେତ ବିଭିନ୍ନ ଅନୁଷ୍ଠାନ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ନିଜ ଘର ବଡ଼ବିଲ ମହାନ୍ତ ବସ୍ତିରେ ସଚିନ ପହଞ୍ଚିବା ପରେ ସେଠାକାର ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ଉସୁ ପ୍ରତିଯୋଗିତାରେ ଏହି ସ୍ୱର୍ଣ୍ଣ ବିଜେତାଙ୍କ ଲାଗି ଏବେ ଚାରି ଆଡୁ ଛୁଟିଛି ପ୍ରଶଂସାର ସୁଅ ।

ବଡ଼ବିଲ ମହାନ୍ତ ବସ୍ତିର ଏକ ମଧ୍ୟବିତ୍ତ ପରିବାରରେ ସଚିନଙ୍କ ଜନ୍ମ। ମାତା ଦମୟନ୍ତୀ ଓ ପିତା କୁଶଧ୍ୱଜ ମହାନ୍ତ। ସଚିନଙ୍କର ୪ ଭାଇ। ସେ ସବା ସାନ । ପିଲାଦିନୁ କ୍ରୀଡା ଓ ପାଠପଢା ଲାଗି ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡିଛି। ବଡବିଲ ନୋଡାଲ ସ୍କୁଲରେ ପଢୁଥିବା ବେଳେ ମାର୍ଶଲ ଆର୍ଟ ପ୍ରତି ଆକୃଷ୍ଟ ହୋଇଥିଲେ। ଟ୍ରେନର ପଙ୍କଜ ମହାନ୍ତଙ୍କଠାରୁ ତାଲିମ ନେଇ କେତେକ ପ୍ରତିଯୋଗିତାରେ ସଫଳତା ପାଇଥିଲେ। ସେବେଠାରୁ ନିୟମିତ କ୍ରୀଡ଼ାଭ୍ୟାସ ଲାଗି ଅଧିକ ସମୟ ଦେବାରୁ ପାଠପଢା ବାଧାପ୍ରାପ୍ତ ହୋଇଥିଲା। ସେ ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲେ ବି ଅକୃତକାର୍ଯ୍ୟ ହୋଇଥିଲେ। ଆଗକୁ ବଢିବାର ସ୍ୱପ୍ନ ଓ ସଙ୍କଳ୍ପ ଅଧୁରା ରହିଗଲା ଭଳି ତାଙ୍କୁ ଲାଗିଥିଲା। କିନ୍ତୁ ସେ ହାର୍ ନ ମାନି କ୍ରୀଡ଼ାଭ୍ୟାସ ଜାରି ରଖିଥିଲେ। କିଛି ବର୍ଷର ବ୍ୟବଧାନ ପରେ ଯୋଗଯୋଗ ପାଠ୍ୟକ୍ରମରେ ପରୀକ୍ଷା ଦେଇ ସେ ଯୁକ୍ତ ଦୁଇ ପାସ୍ କରିଥିଲେ। ସଚିନ ଏବେ ବଡବିଲ କଲେଜରେ ଗ୍ରାଜୁଏଶନ କରୁଛନ୍ତି। ବଣମଲ୍ଲି ଭଳି ଲୁଚି ରହିଥିବା ତାଙ୍କ ପ୍ରତିଭାକୁ କେହି ଚିହ୍ନି ନ ଥିଲେ ବି ସେ ଉସୁ ଭଳି ମାର୍ଶଲ ଆର୍ଟ କ୍ରୀଡ଼ା ଖେଳି ଲକ୍ଷ୍ୟ ପଥରେ ଆଗକୁ ବଢିବାକୁ ସ୍ୱପ୍ନ ଦେଖି ଚାଲିଥିଲେ। ନୂଆଦିଲ୍ଲୀ ସ୍ଥିତି ‘ୱାନ ନେଶନ, ୱାନ ଫ୍ଲାଗ ଓ ୱାନ ସୋଲ୍’ ଅନୁଷ୍ଠାନ ତାଙ୍କ ପ୍ରତିଭାକୁ ଚିହ୍ନି ବଢାଇଥିଲା ସୁଯୋଗ ଓ ସହାୟତାର ହାତ । ଦୁଇ ମାସ ତଳେ ସଚିନଙ୍କୁ ପ୍ରତିଯୋଗିତାରେ ପରଖି ଅନ୍ତର୍ଜାତୀୟ ସ୍ତରରେ ଖେଳିବା ଲାଗି ତାଙ୍କୁ ମନୋନୀତ କରାଯାଇଥିଲା।

ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରି ଫେରିବା ପରେ ସଚିନ ଧରିତ୍ରୀକୁ ଏକ ସାକ୍ଷାତ୍‌କାର ଦେଇ ତାଙ୍କ ଅନୁଭୂତି ବାଣ୍ଟିଛନ୍ତି । ସେ କହିଛନ୍ତି, ପ୍ରଥମ ବିଦେଶ ଗସ୍ତର ଅନୁଭୂତି ଥିଲା ତାଙ୍କ ପାଇଁ ରୋମାଞ୍ଚକର । ମାଲେସିଆରେ ଗତ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଉସୁ ସମେତ ଜୁଡୋ, କରାଟେ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ୭ ଓ ୮ ତାରିଖ ଦୁଇ ଦିନ ଜୁଡୋ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭାରତ, ମାଲେସିଆ, ନେପାଳ ଓ ଭୁଟାନ ପ୍ରଭୃତି ଦେଶ ଅଂଶ ଗ୍ରହଣ କରିଥିଲେ। ଭାରତରୁ ମୋଟ ୧୮ ଜଣ ଖେଳାଳି ୩ ଜଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯୋଗ ଦେଇଥିଲେ। ସଚିନ ବଡବିଲରୁ ଟ୍ରେନ ଧରି ଟାଟାନଗର ଦେଇ ଦିଲ୍ଲୀରେ ପହଞ୍ଚିବା ପରେ ସେଠାରୁ ବିମାନ ଯୋଗେ ମାଲେସିଆ ଯାତ୍ରା କରିଥିଲେ। ଖର୍ଚ୍ଚ ବହନ ଲାଗି ତାଙ୍କୁ ସରକାରୀ ସହାୟତା ମିଳି ନ ଥିଲା। ବଡବିଲ୍‌ର କେତେକ ବଦାନ୍ୟ ବ୍ୟକ୍ତି ସହାୟତା ପ୍ରଦାନ କରିଥିଲେ। ଆନ୍ତର୍ଜାତିକ ଉସୁ ପ୍ରତିଯୋଗିତାରେ କଡା ଟକ୍କର ମଧ୍ୟରେ ସେ ମାଲେସିଆକୁ ୨-୦ ରାଉଣ୍ଡରେ ପରାଜିତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେଠାରେ ବିଭିନ୍ନ ଖେଳାଳିଙ୍କ ସହ ମିଶି ନିଆରା ଅନୁଭୂତି ଲାଭ କରି ସେଠାରୁ ଫେରି ଗତ ୧୧ ତାରିଖରେ ଦିଲ୍ଲୀ ପହଞ୍ଚିଥିଲେ। ଦିଲ୍ଲୀଠାରୁ ଜନ୍ମମାଟି ଯାଏ ତାଙ୍କୁ ମିଳିଥିବା ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ତାଙ୍କୁ ଆଗକୁ ବଢିବା ଲାଗି ପ୍ରେରଣା ଯୋଗାଇବ । ଆଗକୁ ଉସୁ କ୍ରୀଡ଼ାରେ ଭାଗ ନେଇ ସେ ଦେଶ ଲାଗି ଅଧିକ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ବଳାତ୍କାର ଅଭିଯୋଗ: ୨ ଅଟକ

ଆନନ୍ଦପୁର/ଘସିପୁରା, ୧୪। ୧୦(ସ୍ୱ.ପ୍ର./ଡି.ଏନ.ଏ.)

ଘସିପୁରା ଥାନା ଅନ୍ତର୍ଗତ ଯୁଗଳକିଶୋରପୁର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଇ ଜଣ ବଳାତ୍କାର କରିଥିବାନେଇ ପିଡୀତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଘସିପୁରା ପୋଲିସ ଏନେଇ ଏକ ମାମଲା (ନଂ ୧୯୨/୧୯) ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ଯୁଗଳକିଶୋରପୁର ଠାରେ ଏକ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହେଉଥିଲା। ଘସିପୁରା ଥାନା ଓସ୍ତପୁରା ଗ୍ରାମର ଅଭିଯୁକ୍ତ ଦୁଇ ଯୁବକ ଏହି ଖେଳ ଦେଖିବାକୁ ଯାଇଥିଲେ। ଖେଳ ଦେଖି ସାରିବା ପରେ ସନ୍ଧ୍ୟା ସମୟରେ ପିଡିତାଙ୍କୁ ଏକୁଟିଆ ପାଇ ସମ୍ପୃକ୍ତ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିବା ନେଇ ଭାରାପ୍ରାପ୍ତ ଏସଡିପିଓ ରବୀନ୍ଦ୍ର କୁମାର ମଲିକ କହିଛନ୍ତି। ପୀଡ଼ିତା ଜଣଙ୍କ ନାବାଳିକା ହୋଇଥିବାବେଳେ ଅଟକ ରହିଥିବା ଯୁବକ ଦୁଇ ଜଣ ଓସ୍ତପୁରା ଅଞ୍ଚଳର। ପୀଡ଼ିତାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାକୁ ଘସିପୁରା ଆଇଆଇସି ରାମଚନ୍ଦ୍ର ବିଶ୍ୱାଳ ତଦନ୍ତ କରୁଛନ୍ତି।

■ ସାନଭାଇର ତୀର ମାଡ଼ରେ ବଡ଼ଭାଇ ଗୁରୁତର

# ଅସ୍ତ୍ରୋପଚାର ପରେ କଢ଼ାଗଲା ତୀର

କେନ୍ଦୁଝର/ ଢେଙ୍କିକୋଟ, ୧୪।୧୦ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ଥାନା ପିପିଳିଆ ଗ୍ରାମରେ ରବିବାର ଘରୋଇ କଳିକୁ ନେଇ ସାନଭାଇର ତୀର ମାଡ଼ରେ ବଡ଼ ଭାଇର କାଖ ସନ୍ଧିରେ ପଶି ଯିବାରୁ ବଡ଼ ଭାଇ ଗୁରୁତର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରବିବାର ବିଳମ୍ବିତ ରାତିରେ ତାଙ୍କର ଅସ୍ତ୍ରୋପଚାର କରାଯାଇ ତୀରଟିକୁ ସଫଳ ଭାବେ କଢ଼ାଯାଇଛି।

ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟା ୬ଟାବେଳେ ବଡ଼ଭାଇ ଶୁକୁରା ମୁଣ୍ଡା(୨୫)ଙ୍କ ସ୍ତ୍ରୀ ସହିତ ସାନ ଭାଇ ବାବୁଲା ମୁଣ୍ଡା(୧୮)ର ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବାବୁଲା ଘରେ ରଖିଥିବା ଧନୁ ତୀର ବାହାର କରି ତାଙ୍କୁ ଓ ତାଙ୍କ ଝିଅଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଶୁକୁରା ନିଜ ସ୍ତ୍ରୀ ଏବଂ ଝିଅଙ୍କୁ ବଞ୍ଚାଇବାକୁ ତାଙ୍କ ଆଗରେ ଛିଡା ହୋଇଗଲେ। ଫଳରେ ଧନୁ ତୀର ଶୁକୁରାଙ୍କ କାଖ ସନ୍ଧିରେ ପଶି ଯାଇଥିଲା। ଫଳରେ ସେ ରକ୍ତାକ୍ତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାଦେଖି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

■ ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ଘଟଣା

# ସମାଧାନ କଲେ ଯୋଗାଣ ବିଭାଗ ଅଧିକାରୀ

ଚମ୍ପୁଆ, ୧୪।୧୦(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ସରେଇ ପଞ୍ଚାୟତରେ ପିଡିଏସ ଚାଉଳ ବଣ୍ଟନ ଅନିୟମିତତା ଘଟଣା ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ପରେ ବିଭାଗ ପକ୍ଷରୁ ମାର୍କେଟ ଇନ୍ସପେକ୍ଟର ତାରିଣୀ ମିଶ୍ର ଘଟଣାର ତଦନ୍ତ କରିବା ସହିତ ଏହାର ସମାଧାନ କରି ହିତାଧିକାରୀଙ୍କୁ ୫ ମାସର ଚାଉଳ ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ ସରେଇ ପଞ୍ଚାୟତର ୧୩ ତାରିଖରେ ହିତାଧିକାରୀମାନଙ୍କୁ ୫ ମାସର ଚଉଳ ପ୍ରଦାନ କରାଯାଇଥିବା ବେଳେ ଟଲକଲଣ୍ଡା ଗ୍ରାମର ହିତାଧିକାରୀମାନଙ୍କୁ ମାତ୍ର ୨ ମାସର ଚାଉଳ ପ୍ରଦାନ କରାଯାଇଥିଲା। ଏ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଓଡିଶା ଜନସେବା ସମ୍ପାଦକ ମହିନ୍ଦ୍ର ଗିରି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଅଧିକାରୀ ଜଣଙ୍କ କଣ୍ଟ୍ରୋଲ ଡିଲରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିରକ୍ତ ହୋଇ ହିତାଧିକାରୀମାନେ ଫେରି ଯାଇଥିବାରୁ ସୋମବାର ମାର୍କେଟ ଇନ୍ସପେକ୍ଟର ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପରେ ଲୋକଙ୍କ ସହ ଆଲୋଚନା କରି ହିତାଧିକାରୀମାନଙ୍କୁ ୫ ମାସର ଚାଉଳ ପ୍ରଦାନ କରିଥିଲେ। ଏ ନେଇ କଣ୍ଟ୍ରୋଲ ଡିଲରଙ୍କୁ ତାଗିଦ୍ କରିବା ସହ ଏପରି ଭୁଲ ନ କରିବାକୁ ପରାମର୍ଶ ଦେଇଥିଲେ। ଯେଉଁମାନଙ୍କର ଖାଉଟି କାର୍ଡ ସହ ଆଧାର କାର୍ଡ ସଂଯୋଗ ହୋଇ ନାହିଁ ସେମାନଙ୍କୁ ଆଧାର କାର୍ଡ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**ଧରିତ୍ରୀ ପ୍ରଭାବ**


ହିତାଧିକାରୀଙ୍କୁ ପିଡିଏସ୍ ସାମଗ୍ରୀ ଦିଆଯାଉଛି।


ବଡ଼ହଲ ଲକ୍ଷ୍ମୀ ପୂଜା କମିଟି ମେଢ଼।


ଚମ୍ପୁଆ।


ମାଧପୁର ।


ନୂଆସାହି ମେଢ଼।

# ପୁରପଲ୍ଲୀରେ ଗଜଲକ୍ଷ୍ମୀ ପୂଜା

କେନ୍ଦୁଝର, ୧୪।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)

ଧନସମୃଦ୍ଧିର ଦେବୀ ଗଜଲକ୍ଷ୍ମୀ ପୂଜା କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଧୁମଧାମ୍‌ରେ ପାଳିତ ହୋଇଯାଇଛି । ଏହି ସାର୍ବଜନୀନ ପୂଜା ବିଭିନ୍ନ ଅନୁଷ୍ଠାନ, କ୍ଲବ ପକ୍ଷରୁ ଆୟୋଜନ କରାଯାଇଛି । ଆକର୍ଷଣୀୟ ମେଢ ସହିତ ରଙ୍ଗବେରଙ୍ଗ ଆଲୋକ ସଜା ଓ ମଣ୍ଡପ ଓ ତୋରଣ ଦେଖିବାକୁ ଭକ୍ତଙ୍କ ଭିଡ ଦେଖିବାକୁ ମିଳୁଛି। ପ୍ରାୟ ସବୁ ମେଢରେ ଅନ୍ନଖେଚୁଡି ଓ ଖିରିକାକରା ଭୋଗର ଆୟୋଜନ କରାଯାଇଛି। ସେହିପରି ସହରର ନୂଆସାହି, ମାଧପୁର, ପୁରୁଣାସହର, କାଶୀପୁର, କଲେଜ ରୋଡ, ଅଜନ୍ତା ଗଳି ଆଦି ସ୍ଥାନରେ ଧୁମଧାମରେ ଚାଲିଥିବା ବେଳେ ଗ୍ରାମଠାରୁ ସହର ପୂଜା ଧୂମଧାମରେ ଉତ୍ସବମୁଖର ହୋଇ ପଡିଛି।

ସେହିପରି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରର ପ୍ରସିଦ୍ଧ ମହାଲକ୍ଷ୍ମୀ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଦିବା ସାଢ଼େ ଗୋଟାଏରେ ପଦ୍ମପୋଖରୀରୁ ଝିଅ ବୋହୂ କଳସ ଶୋଭାଯାତ୍ରାରେ ଯାଇ ମା’ଙ୍କ ପୂଜା ମଣ୍ଡପରେ କଳସ ଆଣି ସ୍ଥାପନା କରିଥିଲେ। ପଦ୍ମପୁର ନିକଟସ୍ଥ ରୁକୁଣାପୁର ହୃଦାନନ୍ଦ ମିଶ୍ର ପୂଜାକାର୍ଯ୍ୟ କରିଥିଲେ।ଏହି ଅବସରେ ଚଳିତ ବର୍ଷ ୧୨ଫୁଟର ମୂର୍ତ୍ତି ନିର୍ମାଣ କରାଯାଇଛି। ଉଚ୍ଚ ତୋରଣ ରଙ୍ଗିନ ଲାଇଟ ସାଜସଜ୍ଜାରେ ପୂଜାମେଢ ଝଲସି ଉଠିଛି। ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ୧୪ରିଖଠାରୁ ୧୮ ରିଖ ପର୍ଯ୍ୟନ୍ତ ରାଜଧାନୀ ଅପେରା ଅନୁଷ୍ଠିତହେବ। ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ସଦର ପୋଲିସ ଉପସ୍ଥିତ ରହିବେ ବୋଲି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଉତ୍ତମ କୁମାର ସାହୁ, ସହସମ୍ପାଦକ ଜନ୍ମେଜୟ ସାହୁ, କୋଷାଧକ୍ଷ ବିନୋଦ କୁମାର ସାହୁ, ସହକୋଷାଧକ୍ଷ ସରୋଜ କୁମାର ସାହୁ ପ୍ରମୁଖ କହିଛନ୍ତି।

**ଚମ୍ପୁଆ, (ଡି.ଏନ.ଏ)**

ଚମ୍ପୁଆ ସଦର ମହକୁମାରେ ପୁରପଲ୍ଲୀରେ ଭକ୍ତି ଓ ଶ୍ରଦ୍ଧାର ସହିତ ମା’ ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଯାଇଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସୁସଜ୍ଜିତ ମେଢରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଶେଷ କରାଯାଇଛି। ଚମ୍ପୁଆ ସଦର ମହକୁମା ସମେତ ଗୋଧୂଳି, ରାମଲା, ପାଞ୍ଚପୋଖରିଆ, ଧଳାଡିହି, ମଥୁରାପୁର, ମଙ୍ଗଳପୁର, ଭଣ୍ଡା, ଶଶାଙ୍ଗ, ମହେଶ୍ୱରପୁର, କାଳିକାପ୍ରସାଦ, ରିମୁଳି ଆଦି ସ୍ଥାନରେ ମହା ଆଡମ୍ବର ସହିତ ଏହା ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି।

**ଢେଙ୍କିକୋଟ, (ଡି.ଏନ୍.ଏ.)**

ରବିବାର ପବିତ୍ର କୁଆଁର ପୁନେଇଁ ତଥା ମା’ ଲକ୍ଷ୍ମୀଙ୍କ ପୂଜା ଉତ୍ସବ। ଧନଦାତ୍ରୀଙ୍କୁ ଘରେ ଘରେ ପୂଜା କରୁଛନ୍ତି ଭକ୍ତ। ମାତ୍ର ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା କମିଟି ତରଫରୁ ବଜାର ମଧ୍ୟରେ ଲକ୍ଷ୍ମୀଙ୍କ ପୂଜାମଣ୍ଡପରେ ମହା ଆଡ଼ମ୍ବରରେ ମହାଲକ୍ଷ୍ମୀଙ୍କ ପୂଜା ଯଥାବିଧି ଅପରାହ୍ନ ୫ଟାରୁ ଆରମ୍ଭ ହୋଇଛି। ୫ଟାରେ ୭ଜଣଙ୍କୁ ନେଇ କମିଟି ତରଫରୁ ଘଟକଳସ ଅଣାଯିବା ପରେ ସାଢ଼େ ୬ଟାରେ ଯାଜପୁର ବିରଜା କ୍ଷେତ୍ରର ପୂଜକ ରବୀନ୍ଦ୍ର କୁମାର ପାଢ଼ି ଓ ସହଯୋଗୀ ଯଥାବିଧି ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ପୁରୋଧା ତଥା ସଂକଳ୍ପଧାରୀ ବଣିକ ସଂଘ ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ରାମଚନ୍ଦ୍ର ସାହୁ ସଂକଳ୍ପରେ ବସି ପୂଜାକାର୍ଯ୍ୟ କରିଥିଲେ। ଉପଦେଷ୍ଟା ଶଙ୍କର୍ଷଣ ସାହୁ, ରବୀନ୍ଦ୍ର କୁମାର ସାହୁଙ୍କ ବଳିଷ୍ଠ ଉଦ୍ୟମ ଯୋଗୁ ଅଞ୍ଚଳବାସୀଙ୍କ ନିମନ୍ତେ ପ୍ରତିବର୍ଷ ପରି ବୁଧବାରକୁ ପ୍ରସାଦ ସେବନ ସାଙ୍ଗକୁ ଆସନ୍ତା ଶୁକ୍ରବାର ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବ ବୋଲି ଉପଦେଷ୍ଟା ଶଙ୍କର୍ଷଣ ସାହୁ କହିଛନ୍ତି।

**ଝୁମ୍ପୁରା (ଡି.ଏନ.ଏ.)**

ଝୁମ୍ପୁରା ବ୍ଲକର ଝୁମ୍ପୁରା ସମେତ ବାଲିବନ୍ଧ, ଅର୍ଶଳା, ଦୁର୍ଗାପୁର, ଉଖୁଣ୍ଡା, ଅସନପାଟ, ବାରିଆ, ଚିତ୍ରପୁର, କାଉଁରୀକଳା ପ୍ରଭୃତି ସ୍ଥାନରେ ୧୩ ତାରିଖରୁ ମା’ ଲକ୍ଷ୍ମୀ ପୂଜା ପାଉଛନ୍ତି। ଝୁମ୍ପୁରା ବ୍ଲକ ରାସ୍ତା ପାର୍ଶ୍ୱରେ ପାଳିତ ହେଉଥିବା ଲକ୍ଷ୍ମୀପୂଜା ଚଳିତ ବର୍ଷ ୧୪ବର୍ଷରେ ପହଞ୍ଚିଛି। ପୂଜା ମଣ୍ଡପର ସୁସଜ୍ଜିତ ମେଢରେ ପୂଜା ପାଉଛନ୍ତି ମହାଲକ୍ଷ୍ମୀ। ଚଳିତ ବର୍ଷ ବ୍ଲକ ରାସ୍ତା ପାର୍ଶ୍ୱରେ ପୂଜା ପାଉଥିବା ମେଢରୁ ସ୍ୱଚ୍ଛତାର ବାର୍ତ୍ତା ଦେବା ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ମଧ୍ୟ ଅଗ୍ରାଧିକାର ଦିଆଯାଇଛି। ସ୍ୱଚ୍ଛତା ସହିତ ପରିବେଶୀୟ ବାର୍ତ୍ତା ବହନ ପୂଜା ମଣ୍ଡପକୁ ବେଶ ପ୍ରଶଂସା ମିଳୁଛି। ଏହା ସହିତ ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଭିଡ ଜମାଉଛନ୍ତି। ଆସନ୍ତା ଶୁକ୍ରବାର ଭସାଣି ଉତ୍ସବ ହେବା ନେଇ କମିଟିର ସଭାପତି ପ୍ରେମ ସିଂ, ସମ୍ପାଦକ ମହେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

**ତେଲ୍‌କୋଇ, (ଡି.ଏନ୍.ଏ.)**

ଚାଷୀ ବହୁଳ ଏହି ଅଞ୍ଚଳରେ ମା’ ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇଛି। ପରମ୍ପରା ଅନୁଯାୟୀ ମା’ ଲକ୍ଷ୍ମୀ ପୂଜାପାଇଁ ମହିଳାମାନଙ୍କ ବ୍ରତ ଭାଦ୍ରବ ମାସର ପ୍ରତି ଗୁରୁବାର ଠାରୁ ଆରମ୍ଭ ହୁଏ ପୂଜାର୍ଚ୍ଚନା। ଶେଷରେ ପୂର୍ଣ୍ଣିମା ଦିନ ମା’ଙ୍କର ମୃଣ୍ମୟ ମୂର୍ତ୍ତି ସ୍ଥାପନ ପରେ ଆରମ୍ଭ ହୁଏ ପ୍ରତିଦିନର କାର୍ଯ୍ୟକ୍ରମ ଅନ୍ନଭୋଗ, ପ୍ରବଚନ, ଲୋକନୃତ୍ୟ ଆଦି ପ୍ରତି ସନ୍ଧ୍ୟା ସମୟରେ ଆୟୋଜନ କରାଯାଏ। ତେଲକୋଇ ମୁଖ୍ୟାଳୟ ସମେତ ଆକୁଳ ହରିଶଡ଼ ଭଳି ପ୍ରତି ଗ୍ରାମରେ ଉତ୍ସାହର ସହିତ ପାଳିଥାନ୍ତି ଲକ୍ଷ୍ମୀପୂଜାକୁ। ଚାଷୀମାନଙ୍କ ଶୁଭ ମନାସୀ ଏହି ପର୍ବକୁ ଅଞ୍ଚଳରେ ଅଧିକ ଗୁରୁତ୍ୱ ବହନ କରିଛି। ସେହିପରି ମଧୁସୂଦନପୁର ଜୁଆଙ୍ଗ ବସ୍ତିରେ ଚାଙ୍ଗୁ ନାଚରେ ମା’ଲକ୍ଷ୍ମୀଙ୍କୁ ଆବାହନ କରିଥାନ୍ତି ମହିଳା ପୁରୁଷ। ଏଥିପାଇଁ ପ୍ରତି ପୂଜାମଣ୍ଡପରେ ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ କରାଯାଇଥାଏ। ଏଠାରେ ସପ୍ତାହ ମଧ୍ୟରେ ଆମିଷ ନିଷେଧ କରାଯାଇଥାଏ।


ରାଇସୁଆଁ ସଦର ଅଞ୍ଚଳରେ ଲକ୍ଷ୍ମୀ ମେଢ଼।

**ରାଇସୁଆଁ,(ଡି.ଏନ.ଏ.)**

କେନ୍ଦୁଝର ଜିଲା ସେହିପରି ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ, ମହାଦେଇଯୋଡା, ପଳାଶପଙ୍ଗା, ନେଲୁଙ୍ଗ. ବାଉରୀପଦା, ନରଣପୁର ଆଦି ଅଞ୍ଚଳରେ ବହୁ ଧୁମଧାମରେ ମହାଲକ୍ଷ୍ମୀ ପୂଜା ଏବଂ କୁମାରପୂର୍ଣ୍ଣିମା ପାଳିତ ହୋଇଯାଇଛି। ସେଥିଲାଗି ବହୁ ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ମା’ ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ଗୁଡିକୁ ସୁସଜ୍ଜିତ କରାଯିବା ସହ ତୋରଣ ଗୁଡିକୁ ସୁନ୍ଦର ଭାବରେ ଆଲେକ ମାଳାରେ ସୁସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଛି। ପ୍ରତି ମଣ୍ଡପରେ ମା’ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି।